# Akashvani, Sambalpur

## SAMBALPURI NEWS EVENING BULLETIN

## 9 July 2025- 7.02 pm- 7.12 pm.

*********************************************

୧- ପୂର୍ବାଂଚଲ୍ ପରିଷଦ୍ ବୈଠକ୍‌ଥି ଯୋଗ୍ ଦେବାର୍‌କେ ଆଉ କିଛି ସମିଆ ଉତ୍‌ରୁ ଝାର୍‌ଖଣ୍ଡ୍ ଯିବେ ମୁଖ୍ୟମନ୍ତ୍ରୀ ।

୨- ରାଜ୍ୟମନ୍ତ୍ରୀମଣ୍ଡଲ୍ ସମ୍ପ୍ରସାରଣ୍ ନେଇକରି ସୂଚ୍‌ନା ଦେଲେ ରାଜ୍ୟ ବିଜେପି ସଭାପତି ।

୩- ରାଜ୍ୟ ସର୍‌କାର୍ ଇ ଆର୍ଥିକ୍ ବଛ୍‌ରେ ୫୦ ମିଲିୟନ୍ ଟନ୍ ଖଣି ଉତ୍ପାଦନ୍ ଲାଗି ରଖିଛନ୍ ଲକ୍ଷ୍ୟ- କହେଲେ ମୁଖ୍ୟମନ୍ତ୍ରୀ ।

୪- ଶିକ୍ଷା ବ୍ୟବସ୍ଥାକେ ଅଏତ୍‌କା ଗୁଣାତ୍ମକ କର୍‌ବାର୍ ଲାଗି ୫ ଆଉ ୮ ଶ୍ରେଣୀଥି ଲାଗୁ ହେଲା ପାସ୍ ଫେଲ୍ ବ୍ୟବସ୍ଥା ।

ଆଉର୍

୫- ଲଘୁଚାପ୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ୨୦ ଟା ଜିଲ୍ଲାକେ ଜବର୍ ବର୍ଷା ନେଇକରି ସତର୍କ କଲା ପାଣିପାଗ୍ କେନ୍ଦ୍ର ।

ମୁଖ୍ୟମନ୍ତ୍ରୀ ଝାର୍‌ଖଣ୍ଡ ଗସ୍ତ ଭୁବନେଶ୍ୱର ସମ୍ବାଦଦାତା

ଆଏବାକାଏଲ୍ ହେବାର୍‌କେ ଥିବା ପୂର୍ବାଂଚଲ କ୍ଷେତ୍ରୀୟ ପରିଷଦ ବୈଠକ୍‌ଥି ଯୋଗ୍ ଦେବାର୍‌କେ ଆଉ କିଛି ସମିଆ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଝାଡ଼ଖଣ୍ଡ ଗସ୍ତ କର୍‌ବାର୍ କାର୍ଯ୍ୟକ୍ରମ ରହିଛେ । ବୈଠକ୍‌ଥି ଓଡ଼ିଶା, ବିହାର, ଝାର୍‌ଖଣ୍ଡ, ଛତିଶଗଡ଼ ଆଉ ପଶ୍ଚିମବଙ୍ଗର ୬୮ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେବେ । ଇ ଅବ୍‌ସରେ ରାଜ୍ୟମାନ୍‌କର୍ ଭିତ୍‌ରେ ନକ୍ସଲବାଦ, ଆନ୍ତଃରାଜ୍ୟ ସହଯୋଗ୍, ସୀମା ବିବାଦ୍, ସୁରକ୍ଷା ଆଉ ବିକାଶ ମୂଲକ୍ ବିଷେଥି ଆଲୋଚନା କରାଯିବା ବଲି ଜନାପଡ଼ିଛେ । ବୈଠକ୍‌ଥି ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀଙ୍କର ସଙ୍ଗେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଆଉ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ ରହିଛେ ।

ଜାତୀୟ ମତ୍ସ୍ୟଚାଷୀ ଦିବସ ପି.ଆଇ.ବି.

ଭୁବ୍‌ନେଶ୍ୱର କୌଶଲ୍ୟାଗଙ୍ଗ ଠାନେ ଥିବା ଆଇସିଏଆର୍- ସିଫା ପରିସର୍ ନ ଆଏବା କାଏଲ୍ ଜାତୀୟ ମତ୍ସ୍ୟଚାଷୀ ଦିବସ୍-୨୦୨୫ ପାଲନ୍ କରାଯିବା । କେନ୍ଦ୍ର ମତ୍ସ୍ୟ ଆଉ

ପ୍ରାଣୀପାଳନ୍ ମନ୍ତ୍ରଣାଳୟ ତର୍ଫୁ ହେବାର୍କେ ଥିବାର୍ ସମାରୋହଥି ମାଛ୍ ଚାଷ୍ ଦିଗେ କେନ୍ଦ୍ର ସର୍କାର୍ଙ୍କର୍ ଚେରେଷ୍ଟା ଆଉ ନୀଳ ବିପ୍ଳବ ଦିଗେ ସର୍କାର୍ଙ୍କର୍ ପ୍ରତିବଦ୍ଧତା ଉପ୍ରେ ଆଲୋଚନା କରାଯିବା । କାର୍ଯ୍ୟକ୍ରମ୍ଥି କେନ୍ଦ୍ର ମତ୍ସ୍ୟ ଆଉ ପ୍ରାଣୀପାଳନ୍ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ବିଭାଗ୍ର ରାଷ୍ଟ୍ରମନ୍ତ୍ରୀ ପ୍ରଫେସର୍ ଏସ୍.ପି. ସିଂ ବଘେଲ୍ ଆର୍ ଜର୍ଜ କୁରିଏନ୍ ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ ।

ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ମନ୍ତ୍ରୀମଣ୍ଡଲ୍ର ଖୋବ୍ ଜଲ୍ଦି ସମ୍ପ୍ରସାରଣ କରାଯିବା ବଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ । ଭୁବନେଶ୍ୱରଠାନେ ଆଏଜ୍ ସାମ୍ବାଦିକମାନଙ୍କୁ ସୂଚ୍ନା ଦେଇକରି ଶ୍ରୀ ସାମଲ କହିଛନ୍, ଭିନ୍ ଭିନ୍ ବୋର୍ଡ ଆଉ ନିଗମ୍ମାନ୍କେ ନିଯୁକ୍ତି ଦେବାର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଯାଇଛେ । ୨୦୩୬ ମସିହା ତକ୍ ବିକଶିତ୍ ଓଡ଼ିଶା ଗଠନ୍ ଲକ୍ଷ୍ୟ ନେଇକରି ଦଲ୍ କାମ୍ କରୁଛେ । ରାଏଜେ ଭିନ୍ ଭିନ୍ କ୍ଷେତ୍ରଥି ବହୁତ୍ଟେ ସମ୍ଭାବନା ଭରି ରହିଛେ । ଆଗ୍କେ ଓଡ଼ିଶା ଦେଶର୍ ଏକ୍ ନମ୍ବର ରାଜ୍ୟ ବନିପାର୍ବା ବଲି ଶ୍ରୀ ସାମଲ କହିଛନ୍ ।

ମୁଖ୍ୟମନ୍ତ୍ରୀ ଖଣି ଇଲାକା ସମୀକ୍ଷା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ରାଜ୍ୟ ସର୍କାର୍ ୨୦୨୫-୨୬ ଆର୍ଥିକ୍ ବଛ୍ରେ ୫୦ ମିଲିୟନ୍ ଟନ୍ ଖଣି ଉତ୍ପାଦନ୍ ଆଉ ୩୦ ହଜାର୍ କୋଟି ଟଙ୍କାର୍ ଖଣିଜ ବିକ୍ରି ରାଜସ୍ୱ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ଠାନେ ଓଡ଼ିଶା ଖଣି ନିଗମ୍ କାର୍ଯ୍ୟକ୍ରମ୍ର ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖଣି ଇଲାକା ନ ଲୁକ୍କର୍ ଜୀବନ୍ ଜୀବିକା ଆଉ ଜୀବନ୍ଶୈଲୀଥି ଉନ୍ନତି ଆନ୍ବାର୍ ଲାଗି ଜରୁରୀ ପଦକ୍ଷେପ୍ ନେବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ବୈଠକ୍ଥି ମୁଖ୍ୟମନ୍ତ୍ରୀ ଭିନ୍ ଭିନ୍ ଖଣି ଇଲାକାର୍ ସମିଆ ବଢ଼ାବାର୍, ପରିବେଶ୍ ଅନୁମୋଦନ୍, ନୂଆଁ ଖଣି କାର୍ଯ୍ୟକ୍ଷମ୍ କର୍ବାର୍ ବିଷେଥି ଆଲୋଚନା କରିଛନ୍ । ଖାସ୍ କରି ବକ୍ସାଇଟ୍ ଉତ୍ପାଦନ୍ ବଢ଼ାବାର୍ ଉପ୍ରେ ମୁଖ୍ୟମନ୍ତ୍ରୀ ସମୀକ୍ଷା ବୈଠକ୍ଥି ଜୋର୍ ଦେଇଛନ୍ । ଇ ବଛର୍ ବକ୍ସାଇଟ୍ ଉତ୍ପାଦନ୍ ୩ ଦଶ୍ମିକ୍ ୬ ମିଲିୟନ୍ ଟନ୍ ଥିବାର୍ ବେଲେ ଆଏବା ବଛ୍ରେ ଇତାକେ ୬ ମିଲିୟନ୍ ଟନ୍ ବଢ଼ାବାର୍କେ ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍ସହେତେ ପେଲେଟ୍

କାର୍‌ଖାନା ଥାପ୍‌ନା ଲାଗି ଯୋଜ୍‌ନା ତିଆର୍ କର୍‌ବାର୍ ସହେତେ ଆଏବା ବଛର୍ ମେ ମାସ୍‌ତକ୍ ପ୍ରକଳ୍ପ କାମ୍ ମୁଲ୍ କର୍‌ବାର୍‌କେ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ ।

## ଗୃହ ନିର୍ମାଣ୍,ନଗର୍ ଉନ୍ନୟନ୍ ବିଭାଗ ସମୀକ୍ଷା I&PR

ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ୩୫ ନମ୍ବର୍ ଡେସ୍‌ବୋର୍ଡ୍ ସମୀକ୍ଷା ବୈଠକ୍ ବିଭାଗ୍‌ର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ନାଗରିକ୍ କେନ୍ଦ୍ରିକ ଶାସନ୍ ଉପ୍‌ରେ ଜୋର୍ ଦିଆଯିବାର୍ ସହେତେ ରାଜ୍ୟର୍ ମୁଖ୍ୟ ସହରୀ ଇଲାକାମାନ୍‌କର୍ ବିକାଶ ଦିଗେ ତୁର୍‌ତି ପଦକ୍ଷେପ୍‌ମାନ୍ ନେବାର୍ ଉପ୍‌ରେ ଆଲୋଚନା ହେଇଥିଲା । ସହରାଂଚଲ୍ ପରିମଳ ବ୍ୟବସ୍ଥା, ଜଳଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଉ ଡିଜିଟାଲ୍ ସେବା ଯୁଗାବାର୍ ଦିଗ୍‌କେ ବୈଠକ୍‌ଥି ଶ୍ରୀମତୀ ପାଢ଼ୀ ଜୋର୍ ଦେଇଛନ୍ । ବିକଶିତ୍ ଓଡ଼ିଶା ୨୦୩୬ ଲକ୍ଷ୍ୟ ପୂରଣ୍ କର୍‌ବାର୍ ଦିଗେ ସମନ୍ୱୟ ରଖିକରି କାମ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ସେ ପରାମର୍ଶ ଦେଇଛନ୍ ।

## ଆଇପିଏସ୍ ଅଦଲ୍‌ବଦଲ I&PR

ରାଜ୍ୟ ସର୍କାର୍ ଆଇପିଏସ୍ ସ୍ତରରୁ ଛୁଟିଆ ଅଦଲ୍‌ବଦଲ୍ କରିଛନ୍ । ଗୃହ ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ୧୯୯୪ ବେଚ୍ ଆଇପିଏସ୍ ଅଧିକାରୀ ଆଉ ବିଜୁ ପଟ୍ଟନାୟକ୍ ପୁଲିସ୍ ଏକାଡେମୀର୍ ନିର୍ଦ୍ଦେଶକ ସଞ୍ଜିବ ପଣ୍ଡାଙ୍କୁ ନକ୍ସଲ୍ ନିରୋଧୀ ଅପରେସନ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ୍ ଭାବେ ନିଯୁକ୍ତି ଦିଆଯାଇଛେ । ଇତାର୍‌ସହେତେ ଶ୍ରୀ ପଣ୍ଡା ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଦାୟିତ୍ୱରୁ ରହେବେ । ସେନ୍ତା ବିଜୁ ପଟ୍ଟନାୟକ୍ ପୁଲିସ୍ ଏକାଡେମୀର୍ ମହାନିରୀକ୍ଷକ ଟ୍ରେନିଂ ଦାୟିତ୍ୱରୁ ଥିବା ୨୦୦୬ ବେଚ୍ ଆଇପିଏସ୍ ଅଧିକାରୀ ଅନୁପ୍ ସାହୁ ଆଏବା ଆଦେଶ୍‌ତକ୍ ଏକାଡେମୀର୍ ନିର୍ଦ୍ଦେଶକ୍ ଦାୟିତ୍ୱରୁ ରହେବେ ।

ପାସ୍-ଫେଲ୍ ବ୍ୟବସ୍ଥା ଲାଗୁ I&PR

ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବଛର୍‌ଠି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାନ ସଂଶୋଧନ କରି କରି ଫେର୍ ଘାଏ ପାସ୍ ଫେଲ୍ ବ୍ୟବସ୍ଥା ଲାଗୁ କରିଛନ୍। ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ବାହାରିଥିବା ବିଜ୍ଞପ୍ତି ଅନ୍‌ସାରେ,

ନୂଆ ନିୟମ୍ ଥି ଫି ବଛର୍ ବାର୍ଷିକ୍ ପରୀକ୍ଷା ହେବା । ୫ ଆଉ ୮ ଶ୍ରେଣୀ ଛାତ୍ରଛାତ୍ରୀ ବାର୍ଷିକ୍ ପରୀକ୍ଷାଥି କମ୍ ନମ୍ବର୍ ରଖ୍‌ଲେ ଫେଲ୍ ହେବେ । ଫେଲ୍ ହେଇଥିବା ଛାତ୍ରଛାତ୍ରୀ ଦୁଇ ମାସ୍ ଭିତ୍‌ରେ ଫେର ଥରେ ପରୀକ୍ଷା ଦେବାର୍ ସୁଯୋଗ୍ ପାଏବେ । ଦୁଇ ନମ୍ବର ଥର ଭିଲ୍ ଫେଲ୍ ହେଲେ ଛାତ୍ରଛାତ୍ରୀ ପୁରୁଣା ଶ୍ରେଣୀ ନ ଫେର୍ ବଛ୍‌ରେ ପାଠପଢ଼ବେ । ମାତର୍‌କେ ପ୍ରାଥମିକ ଶିକ୍ଷା ନାଇ ସର୍‌ବାର୍ ତକ୍ କେନ୍‌ସି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟନୁ ନାଇ ବାହାର୍ କରାଯାଏ ବଲି ବିଜ୍ଞପ୍ତିଥି ସ୍ପଷ୍ଟ କରାଯାଇଛେ ।

ଶ୍ରୀମନ୍ଦିର୍-ନୀତିକାନ୍ତି ସ୍ୱାଭାବିକ୍ ପୁରୀ ସମ୍ବାଦଦାତା

ନୀଳାଦ୍ରୀ ବିଜେ ସଙ୍ଗେ ଗଲାକାଏଲ୍ ଶେଷ୍ ହେଇଛେ ମାହାପୁରୁମାନ୍‌କର୍ ଘୋଷଯାତ୍ରାର୍ ସବୁ ପର୍ଯ୍ୟାୟ । ପ୍ରଭୁ ଶ୍ରୀ ଜଗନ୍ନାଥ୍, ଶ୍ରୀ ବଳଭଦ୍ର ଆଉ ଦେବୀ ସୁଭଦ୍ରା ରତ୍ନ ସିଂହାସନ୍ ନ ଆଏଜ୍ ଭକ୍ତମାନ୍‌କୁ ଦର୍ଶନ୍ ଦଉଛନ୍ । ଇତାର୍‌ସହେତେ ପୁରୀ ଶ୍ରୀମନ୍ଦିର୍ ନ ସବୁଦିନିଆ ନୀତିକାନ୍ତି ମୁଲ୍ ହେଇଯାଇଛେ । ଆଏଜ୍ ସଖାଲୁ ମଙ୍ଗଲ୍ ଆଲ୍‌ତୀ, ମଇଲମ, ତଡ଼ପଲାଗି, ଅଧରପୋଛା, ଅବକାଶ ନୀତି ଶେଷ୍ କରାଯାଇକରି ମାହାପୁରୁମାନ୍‌କର୍ ଗୋପାଳ ବଲ୍ଲଭ

ଭୋଗ ନୀତି କରାଯାଇଥିଲା । ତାର୍ ଉତ୍ରୁ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ସଙ୍ଗେ ସକାଳ ଧୂପ ନୀତି ହେଇଥିଲା । ରଥଯାତ୍ରା ଉତ୍ରୁ ଆଏଜ୍ ପହେଲା କରି ଶ୍ରୀମନ୍ଦିର୍ ନ ବାହାରିଥିବା ନୀଳାଚଳ ଅବଢ଼ା ପାଇକରି ଶ୍ରଦ୍ଧାଳୁମାନେ ଖୁସି ହେଇଛନ୍ ।

ଜାତୀୟ ବିଦ୍ୟାର୍ଥୀ ଦିବସ୍ ଆର୍ଏନ୍ୟୁ/ ସମ୍ବଲପୁର

'ଶିକ୍ଷା ଜରିଏ ସଶକ୍ତିକରଣ୍' ବାର୍ତା ନେଇକରି ଆଏଜ୍ ପାଳନ୍ କରାଯାଉଛେ ଜାତୀୟ ବିଦ୍ୟାର୍ଥୀ ଦିବସ୍ । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍ ଏବିଭିପିର ପ୍ରତିଷ୍ଠା ଦିବସ୍ ଅବ୍ସରେ ବିଦ୍ୟାର୍ଥୀମାନ୍କୁ ଶିକ୍ଷା, ନୈତିକତା ଆଉ ସାମାଜିକ୍ ଦାୟିତ୍ୱ ଦିଗେ ତହଁକାବାର୍ ଲାଗି ଚେରେଷ୍ଟା କରାଯାଉଛେ । ଜାତୀୟ ବିଦ୍ୟାର୍ଥୀ ଦିବସ୍ ଅବ୍ସରେ ଦେଶର୍ ଭିନ୍ ଭିନ୍ ଶିକ୍ଷାନୁଷ୍ଠାନ୍ମାନ୍କେ ଆଲୋଚନାଚକ୍ର, ସାମାଜିକ୍ ସଚେତନତା ଅଭିଯାନ୍ ଆଉ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ଟିପିଡବ୍ଲୁଓଡିଏଲ-ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା/ ନୂଆପଡ଼ା ସମ୍ବାଦଦାତା

ଗାଁ ଇଲାକାର୍ ସ୍ୱାସ୍ଥ୍ୟସେବାକେ ଲୁକ୍‌କର୍ ପାଖେ ପୁହୁଁଚାବାର୍ ଲକ୍ଷ୍ୟଥି ବିଦ୍ୟୁତ୍ ବିତରକ କମ୍ପାନୀ -ଟିପିଡବ୍ଲୁଓଡିଏଲ୍ ତରଫୁ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଭେନ୍ ଉଦ୍‌ଘାଟନ୍ କରାଯାଇଛେ । ଗାଡ଼ିକେ ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଟିପିଡବ୍ଲୁଓଡିଏଲର ଅଧିକାରୀ ମାନେ ଉପସ୍ଥିତ୍ ଥିଲେ । ଇ ଗାଡ଼ି ଜିଲ୍ଲାର୍ ଦୁର୍ଗମ ଇଲାକା ମାନ୍‌କୁ ଯାଇକରି ସଂକ୍ରାମକ ରୋଗର୍ ଚିକିତ୍ସା କର୍‌ବାର୍ ସହେତେ ଇ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

ଜିଲ୍ଲା ପରିଷଦ୍ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେବ୍‌ଗଡ଼୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ଠାନେ ଜିଲ୍ଲା ପରିଷଦ୍‌ର ୮ ନମ୍ବର୍ ଅଧିବେଶନ୍ ଆଉ ବୈଠକ୍ ହେଇଯାଇଛେ । ପରିଷଦ୍ ଅଧ୍ୟକ୍ଷ କୌଶିକ୍ କୁମାର୍ ପ୍ରଧାନ୍‌ଙ୍କର୍ ସଭାପତିତ୍ୱଥି ଆଉ ଉନ୍ନୟନ୍ କମିଶନର୍ ରାଜେନ୍ଦ୍ର କୁମାର୍ ମୁଞ୍ଜ୍‌ଙ୍କର୍ ତତ୍ୱାବଧାନ୍‌ଥି ହେଇଥିବା ଅଧିବେଶନ୍‌ଥି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇକରି ଜିଲ୍ଲାର୍ ସାମଗ୍ରିକ୍ ବିକାଶ୍ ଲାଗି ଜନ ପ୍ରତିନିଧି

ମାନ୍‌କର୍ ସହଯୋଗ୍ କାମନା କରିଥିଲେ । ଇତାର୍‌ସହେତେ ଜିଲ୍ଲାର୍ ବିକାଶ୍ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ଉପ୍‌ରେ ଜୋର୍ ଦେଇକରି ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରିଥିଲେ ।

ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା ହି.ସ./ଏକ୍ସ

ଆମେରିକାର୍ ବର୍ମିଂହାମ୍ ଠାନେ ହେଇଥିବା ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ା-୨୦୨୫ ପ୍ରତିଯୋଗିତା ଉଦ୍‌ଯାପିତ୍ ହେଇଯାଇଛେ । ଇଥି ଓଡ଼ିଶା ପୁଲିସ୍‌ର ଖେଲାଲି ମାନେ ୨୦ ଟା ପଦକ୍ ଜିତିଛନ୍ । ପଦ୍‌କ ତାଲିକାଥି ୧୩ ଟା ସ୍ୱର୍ଣ୍ଣ, ୩ ଟା ରୌପ୍ୟ ଆଉ ୪ଟା କାଂସ୍ୟ ପଦକ୍ ରହିଛେ । ଓଡ଼ିଶା ପୁଲିସ୍ କର୍ମଚାରୀ ଅଶୋକ ଦଣ୍ଡସେନା ଏକ୍‌ଲା ୪ ଟା ସ୍ୱର୍ଣ୍ଣପଦକ୍ ଜିତିକରି ରାଜ୍ୟ ଆଉ ଦେଶର୍ ଲାଗି ଗୌରବ୍ ଆନିଛନ୍ ।

ବନ୍ୟା ଥିତି ନିୟନ୍ତ୍ରଣ୍ ହି.ସ.

ରାଜ୍ୟର୍ କେନ୍‌ସି ଜାଗା ନ ଏଛେନ୍‌ତକ୍ ବନ୍ୟା ଥିତି ନାଇଁନ ବଲି ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର୍ ପାଢ଼ୀ

ସୂଚ୍ନା ଦେଇଛନ୍ । ସେ କହିଛନ୍, କଟକ୍ ମୁଣ୍ଡୁଳି ଠାନେ ଆଏଜ୍ ୪ ଦଶ୍ମିକ୍ ୪/୭ ଲାଖ୍ କ୍ୟୁସେକ୍ ପାଏନ୍ ଯାଉଛେ । ମୁଣ୍ଡୁଳି ନ ଇହାଦେ ପାନିର୍ ଧାରା ଥିର୍ ରହିଛେ । ହୀରାକୁଦ୍ ଜଲ୍ଭଣ୍ଡାର୍ ନ ୪ ଟା ଗେଟ୍ ବନ୍ଦ୍ କରାଯାଇଥିବାର୍ନୁ ଇଟା ଆହୁରି କମ୍ବା ବଲି ଆଶା କରାଯାଉଛେ । ସେନ୍ତା ସୁବର୍ଣ୍ଣରେଖାର୍ ଜଲ୍ସ୍ତର୍ ବିପଦ୍ ସଙ୍କେତ୍ ଉପ୍ରେ ଥିଲେ ଭିଲ୍ ଆଗ୍କେ ନାଇଁ ଟପେ । ସେଆଡ଼େ ବ୍ରାହ୍ମଣୀ ଆଉ ବୈତରଣୀ ନଦୀ ନ ଭିଲ୍ ବନ୍ୟା ଥିତି ନିୟନ୍ତ୍ରଣ୍ଥି ରହିଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ବୌଦ୍ଧ- ବର୍ଷା        ବୌଦ୍ଧ ସମ୍ବାଦଦାତା

ଲଘୁଚାପ୍ ବର୍ଷା ଲାଗି ବୌଦ୍ଧ ଜିଲ୍ଲାର୍ ବଡ଼ଭାଗୀ ନାଲାମାନ୍କେ ବଏଢ଼୍ ପାଏନ୍ ଭରିଛେ । ଜିଲ୍ଲାର୍ ଉଦଣ୍ଡୀ ନାଲା ନ ଛତ୍ରରଙ୍ଗ- ଟିକର୍ପଡ଼ା ରାସ୍ତା ଉପ୍ରେ ୫ ଫୁଟ୍ ପାଏନ୍ ଯାଉଛେ । ଇଥିର୍ଲାଗି କୁସଙ୍ଗ ପଂଚାୟତ୍ର ମାରଡ଼ା ଗାଁକେ ଯା'ଆସ୍ ବନ୍ଦ୍ ହେଇଯାଇଛେ ଆଉ ଗାଁର୍ ଲୁକେ ଜଲ୍ବନ୍ଦୀ ହେଇଯାଇଛନ୍ । ଖବର୍ ପାଇକରି ପ୍ରଶାସନିକ୍ ଟିମ୍ ପୁହୁଁଚିକରି ରିଲିଫ୍ ଆର୍ ଉଦ୍ଧାର୍ କାମ୍ ମୁଲ୍ କରିଥିବାର୍ ଜନାପଡ଼ିଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଆଏଜ୍ ୧୬ ଟା ଗେଟ୍ ଦେଇକରି ବଏଢ୍ ପାଏନ୍ ଛଡ଼ାଯାଉଛେ । ହୀରାକୁଦ୍ ଡେମ୍ କର୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫିଁ' ସେକେଣ୍ଡ୍‌ଥି ୨ ଲାଖ୍ ୨୮ ହଜାର୍ ୫ ଶହ ୧୭ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୨ ଲାଖ୍ ୬୯ ହଜାର୍ ୩ ଶହ ୪୬ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୫ ଦଶ୍‌ମିକ୍ ୭/୩ ଫୁଟ୍ ରହିଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ଗାଙ୍ଗେୟ ପଶ୍ଚିମବଙ୍ଗ ଆଉ ତାର୍ ପାଖର୍ ଇଲାକା ଉପ୍‌ରେ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ବଙ୍ଗୋପ୍‌ସାଗର୍ ନ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ବର୍‌ଗଡ୍, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ୍ ସହେତେ ୨୦ଟା ଜିଲ୍ଲାନୁ ଘଡ୍‌ଘଡ଼ି ସହେତେ

ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।